# ଶିରିଡ଼ି ଦର୍ଶନର ଅଭୁଲା ଅନୁଭୂତି

ଓମ୍ ଶ୍ରୀସାଇ ସର୍ବାନ୍ତର୍ଯ୍ୟାମୀନେ ନମଃ। ଅନନ୍ତକୋଟି ବ୍ରାହ୍ମଣ୍ଡ ନାୟକ ରାଜାଧିରାଜ ଯୋଗୀରାଜ ପରଂବ୍ରହ୍ମ ସମର୍ଥ ଶ୍ରୀ ସଚ୍ଚିଦାନନ୍ଦ ସଦ୍‌ଗୁରୁ ସାଇନାଥଙ୍କ ପାଦପଦ୍ମରେ ଶରଣ ଯାଇ କୋଟି କୋଟି ପ୍ରଣାମ ଜଣାଇ ମୋ ହୃଦୟର ନିଭୃତ କୋଣରେ ସାଇତା ହୋଇ ରହିଥିବା ସାଇ ଦର୍ଶନର ଅଭୁଲା ଅନୁଭୂତିକୁ ଆପଣମାନଙ୍କ ଆଗରେ ପ୍ରକାଶ କରିବାକୁ ଚେଷ୍ଟା କରୁଛି।

ଆଗରୁ ଶୁଣିଥିଲି ଯେ, ବାବା ତାଙ୍କର ଆଶ୍ରିତମାନଙ୍କ ପାଖେ ପଖେ ରହିଥାନ୍ତି, କିନ୍ତୁ କେବେ ଅନୁଭବ କରିନଥିଲି। ତାହା ମୁଁ ପ୍ରଥମଥର ପାଇଁ ଅନୁଭବ କଲି ମୋର ଶିରିଡ଼ି ଯାତ୍ରାରେ। ବହୁତ ଦିନରୁ ମନରେ ଇଚ୍ଛା ଥିଲା ଶିରିଡ଼ି ଯିବି। କିନ୍ତୁ ବାବାଙ୍କର ଡୋରି ଲାଗିନଥିଲା। ତାଙ୍କ ଇଚ୍ଛା ବିନା କିଏ ସେ ପବିତ୍ର ମାଟି ସ୍ପର୍ଶ କରିପାରିବ? ତେଣୁ ସବୁବେଳେ ନୀରବରେ ବାବାଙ୍କୁ ମୋ ମନକଥା ଜଣାଉଥାଏ। ଶେଷରେ ବାବାଙ୍କର ମୋ ଉପରେ କୃପା ହେଲା। ଶିରିଡ଼ିରୁ ଡାକରା ଆସିଲା। ମୁଁ ଓ ଆମ ସାଇ ପରିବାରର ୨୦ ଜଣ ସାଇଭକ୍ତ ମିଶି ୨୦୦୮ ମସିହା ଜାନୁଆରୀ ମାସ ୧୨ ତାରିଖରେ ଶିରିଡ଼ି ଅଭିମୁଖେ କୋଣାର୍କ ଏକ୍ସପ୍ରେସ୍‌ରେ ଆମ ଯାତ୍ରା ଆରମ୍ଭ କଲୁ। ଶିରିଡ଼ି ମାଟି ସ୍ପର୍ଶ କରିବି, ବାବାଙ୍କୁ ସମାଧି ମନ୍ଦିରରେ ଦର୍ଶନ କରିବି ଭାବି ମନ ଆନନ୍ଦରେ ନାଚି ଉଠୁଥାଏ। ଦୁଇ ଦିନର ଟ୍ରେନ୍ ଯାତ୍ରା ସମୟରେ ବାବାଙ୍କ ବିଷୟରେ ଆଲୋଚନା ଚାଲିଥାଏ, ତା' ସାଙ୍ଗେ ଭଜନ, ନାମ ସଂକୀର୍ତ୍ତନ ଇତ୍ୟାଦି କରି ସମୟ କଟି ଯାଉଥାଏ। ସମୟ ଜଣାପଡୁନଥାଏ। ଆମ ଟ୍ରେନ୍ ହାଇଦ୍ରାବାଦ୍ ପାଖାପାଖି ହୋଇଥାଏ। ସେହି ସମୟରେ ମୁଁ ଆମ ବଗିରୁ ଆର ବଗିକୁ ଯିବା ସମୟରେ ଦେଖିଲି, ଜଣେ ବୃଦ୍ଧ ଲୋକ ଟ୍ରେନ୍‌ର ଡୋର ପାଖରେ ଆଖାପାରି ବସିଥିଲେ ଏବଂ ସେ ମୁଣ୍ଡରେ ଗୋଟିଏ ଗାମୁଛା ଗୁଡ଼ାଇଥିଲେ। ତାଙ୍କ ପାଖରେ ଗୋଟିଏ ବାଉଁଶର ବାଡ଼ି ଥିଲା ଓ ସେ ସିଗ୍ରେଟ୍ ଟାଣୁଥିଲେ। ତାଙ୍କୁ ଦେଖି ମୋତେ ବହୁତ ଦୁଃଖ ଲାଗିଲା ଓ ଆପଣ କୁଆଡ଼େ ଯିବେ ବୋଲି ପଚାରିବାରୁ ସେ ହିନ୍ଦୀରେ ମତେ ଉତ୍ତର ଦେଲେ ଯେ, ସେ ଶିରିଡ଼ି ଯାଉଛନ୍ତି ଏବଂ କହିଲେ ଶିରିଡ଼ି ମେ ହମ୍ ମିଲେଙ୍ଗେ। ସେ ଶିରିଡ଼ି ଯାଉଛନ୍ତି ଶୁଣି ମତେ ଖୁସି ଲାଗିଲା। ତା'ପରେ ମୁଁ ଆମ ବଗିକୁ ଫେରିଆସି ଆମ ସାଙ୍ଗରେ ଯାତ୍ରା କରୁଥିବା ଶୁଭଶ୍ରୀ ଅପାଙ୍କୁ ସେ ବୃଦ୍ଧଙ୍କ ବିଷୟରେ ସବୁକଥା କହିଲି। ସେ ସବୁ ଶୁଣି କହିଲେ, ତମେ ବହୁତ ଭାଗ୍ୟବାନ। ବାବା ତୁମକୁ ସାକ୍ଷାତ୍‌ରେ ଦର୍ଶନ ଦେଲେ, କିନ୍ତୁ ତୁମେ ଜାଣିପାରିଲ ନାହିଁ। ସେ ବୃଦ୍ଧ ଜଣକ ବାବାଙ୍କ ଛଡ଼ା ଆଉ କେହି ନୁହଁନ୍ତି। ତୁମେ ଦେଖିବ ଯାଅ, ସେ ସେଠି ନ ଥିବେ। ଅପାଙ୍କ କଥା ଶୁଣି ମୋ ଦେହରେ ଏକ ଶିହରଣ ଖେଳିଗଲା। ମୁଁ ଆଉ କିଛି ଚିନ୍ତା ନକରି ସେ ସ୍ଥାନକୁ ଦୌଡ଼ିଲି। ପ୍ରକୃତରେ ଯାଇ ଦେଖିଲା ବେଳକୁ ସେଠି କେହି ନ ଥିଲେ। ତା'ପରେ ମୁଁ ଧିରେ ଧିରେ ଟ୍ରେନ୍‌ରେ ଦୌଡ଼ିବାକୁ ଲାଗିଲି। ବଗି ପରେ ବଗି ପୁରା ଟ୍ରେନଟା ଯାକ ଖୋଜିଗଲି, କିନ୍ତୁ ସେ ବୃଦ୍ଧ ଜଣଙ୍କୁ ପାଇଲିନି। ମୋର ବିଶ୍ୱାସ ହୋଇଗଲା ଯେ, ସେ ବାବାଙ୍କ ଛଡ଼ା ଆଉ କେହି ନୁହଁନ୍ତି। ଆଖିକୁ ମୋର ଲୁହ ଆସିଗଲା। ବାବାଙ୍କୁ ଏତେ ପାଖରେ ଦେଖି ମଧ୍ୟ ଜାଣି ପାରିଲିନି। କିନ୍ତୁ ବାବା ମାତେ ସାକ୍ଷାତ ଦର୍ଶନ ଦେଲେ ଓ କଥାବାର୍ତ୍ତା ହେଲେ ଏଇଟା ମୋ ପାଇଁ ବହୁତ ବଡ଼ କଥା ଥିଲା, ସେଥିପାଇଁ ମୋ ହୃଦୟର ଗଭୀରତମ ପ୍ରଦେଶରୁ ବାବାଙ୍କୁ କୃତଜ୍ଞତା ଜଣାଇଲି।

ତା'ପରଦିନ ସକାଳ ଆଠଟାରେ ଆମେ ଶିରିଡ଼ିରେ ପହଞ୍ଚିଲୁ। ଲକ୍ଷ ଲକ୍ଷ ଦର୍ଶନାର୍ଥୀଙ୍କ ଭିଡ଼ ଦେଖି ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇଗଲି। କାହିଁ କେତେଦୂରରୁ ଲୋକମାନେ ଆସିଥାନ୍ତି ପ୍ରଭୁ ସାଇଙ୍କୁ ଦର୍ଶନ କରିବା ପାଇଁ। ଏତେ ଗହଳି ମଧ୍ୟରେ ବାବାଙ୍କର ଦର୍ଶନ କିପରି ହେବ ଭାବି ମନ ଆନ୍ଦୋଳିତ ହୋଇ ଉଠୁଥାଏ। କିନ୍ତୁ ବାବାଙ୍କ ଶ୍ରୀମୁଖ ନିସୃତ ବାଣୀର ପ୍ରଥମରେ କହିଥିଲେ, 'ଯେକୌଣସି ବ୍ୟକ୍ତି ଶିରିଡ଼ି ମାଟିରେ ପାଦ ଦେବା ମାତ୍ରେ ତା'ର ସମସ୍ତ ଦୁଃଖକ୍ଳେଶର ପରିସମାପ୍ତି ଘଟିବ।' ଏହା ପ୍ରକୃତରେ ସତ୍ୟ ପ୍ରମାଣିତ ହେଲା। ଶିରିଡ଼ିରେ ପାଦ ଦେଲାକ୍ଷଣି ମନ ଭିତରେ ଥିବା ଅହଂଭାବ, ଈର୍ଷା, ଦ୍ୱେଷ- ସବୁ ଲୋପ ପାଇଯାଇ ମନ ଆନନ୍ଦ ଉଲ୍ଲାସରେ ଭରି ଉଠୁଥିଲା। ମୁଁ ଓ ତୁମେ ମଧ୍ୟରେ ଥିବା ତାରତମ୍ୟ ଦୂର ହୋଇଯାଉଥିଲା ଏବଂ ସର୍ବମୟ କର୍ତ୍ତାଙ୍କ ପାଖରେ ସମସ୍ତେ ଏକ ଓ ସମାନ ମନେ ହେଉଥିଲା। ଶ୍ରୀ ସାଇଙ୍କର ମୁଖ ଦର୍ଶନ ପାଇଁ ମନ ବ୍ୟାକୁଳିତ ହୋଇ ଉଠୁଥିଲା। ଆମେ ସମସ୍ତେ ନିତ୍ୟକର୍ମ ସାରି ପଛଦ୍ୱାର ବାଟେ ପ୍ରଥମେ ବାବାଙ୍କୁ ଦର୍ଶନ କଲୁ। ତା'ପରେ ଦ୍ୱାରକାମାୟୀ, ଚାୱିଡ଼ି, ଗୁରୁସ୍ଥାନମ୍, ଲେଣ୍ଡିବାଗ ସବୁ ଦର୍ଶନ ସାରି ସାଇ ପ୍ରସାଦାଳୟରେ ପ୍ରସାଦ ପାଇ ଚାରିଟାବେଳେ ସନ୍ଧ୍ୟା ଆଳତୀ ପାଇଁ ଲାଇନ୍‌ରେ ଠିଆ ହେଲୁ। ଲାଇନ୍‌ରେ ଠିଆ ହେଇ ମଧ୍ୟ ଟିଭିରେ ବାବାଙ୍କ ଦିବ୍ୟମୂର୍ତ୍ତି ଦର୍ଶନ କରିବାରେ ସୌଭାଗ୍ୟ ମିଳିଥିଲା। ମନରେ ଯାହା ଅନୁଭବ କରୁଥାଏ ତାହା ପ୍ରକାଶ କରିବା ସମ୍ଭବ ନୁହେଁ। ହଲ୍‌ରେ ପ୍ରବେଶ କରି ବାବାଙ୍କ ସାମ୍ନାରେ ଠିଆ ହେଇ ଆରତି କରିବାର ଓ ପୁଷ୍ପାଞ୍ଜଳି ଦେବାର ଅମୃତ ସୁଯୋଗ ମଧ୍ୟ ବାବା ଦେଲେ। ଶିରିଡ଼ିରେ କେବେ ପୁଷ୍ପାଞ୍ଜଳି ଦେଇପାରିବି, ଏକଥା ମନରେ ଭାବି ମଧ୍ୟ ପାରିନଥିଲି। ବାବାଙ୍କ କୃପା କଥା ଭାବି ଆଖି ଦୁଇଟି ଲୁହରେ ଓଦା ହୋଇଯାଉଥାଏ। ମୋ ପରି ଜଣେ ସାଧାରଣ ମନୁଷ୍ୟ ଯା'ଠାରୁ ଅଧିକ କ'ଣ ଆଶ କରିବ? ଶିରିଡ଼ିରେ ଦୁଇଦିନ ରହଣି ମଧ୍ୟରେ ତିନିଥର ଆରତି ଦର୍ଶନ କରିବାର ସୁଯୋଗ ପାଇଲି। ଫେରିବା ଦିନ ବାବାଙ୍କୁ ଛାଡ଼ି ଆସୁଥିବାରୁ ମନ ବହୁତ ଦୁଃଖ ଲାଗୁଥିଲା। ଆଉ ଥରେ କୃପାକରି ତାଙ୍କ ପାଖକୁ ଡାକିବା ପାଇଁ ବାବାଙ୍କୁ ଜଣାଇ ଆସିଥିଲି।

ଜାନୁଆରୀ ୧୮ ତାରିଖରେ ଭୁବନେଶ୍ୱରରେ ପହଞ୍ଚିଲି ଏବଂ ପୁଣି ବାବାଙ୍କ ଡାକରାରେ ଫେବୃଆରୀ ମାସ ୫ ତାରିଖରେ ଶିରିଡ଼ି ଯାଇଥିଲି। ଏହି ଥରର ଯାତ୍ରାରେ ବାବାଙ୍କର ଚାୱିଡ଼ି ଯାତ୍ରା ଦେଖିବାର ସୁଯୋଗ ମଧ୍ୟ ପାଇଲି। ପାଞ୍ଚଦିନ ଶିରିଡ଼ିରେ ରହି ଶିରିଡ଼ିର ପ୍ରତ୍ୟେକ ଗଳିକନ୍ଦି ବୁଲି ଦେଖିଲି, କାରଣ ଶିରିଡ଼ିର ପ୍ରତ୍ୟେକ ଜାଗା ବାବାଙ୍କର ପାଦସ୍ପର୍ଶରେ ପବିତ୍ର ହୋଇଯାଇଛି। ବାବାଙ୍କୁ ଯେତେ ଦେଖିଲେ ମନ ଭରିବନି ବା ବାବାଙ୍କ ବିଷୟରେ ଯେତେ ଲେଖିଲେ ସରିବନି। ବାବାଙ୍କର ଯୋଉ ଭଜନଟି ଅଛି 'ସାଇ କଥା ଅନନ୍ତ, ସାଇ ନାମ ଅନମୋଲ୍, ଜନମ ସଫଳ ହୋ ଯାଏଗୀ, ସାଇ ସାଇ ବୋଲ୍'- ପ୍ରକୃତରେ ଏହା

ଅକ୍ଷରେ ଅକ୍ଷରେ ସତ୍ୟ।

ସାଇ ନାମର ମହିମା ଅବର୍ଣ୍ଣନୀୟ। ସାଇ ନାମ ସ୍ମରଣ ଓ ଦର୍ଶନ ମାତ୍ରେ ମନ ପ୍ରଶାନ୍ତିରେ ଭରିଯାଏ। ଏ ଜନ୍ମରେ ସାଇ ନାମ ସ୍ମରଣର ସୌଭାଗ୍ୟ ପାଇଥିବାରୁ ନିଜକୁ ଧନ୍ୟ ମନେ କରୁଛି ଓ ତାଙ୍କ ପାଦ ତଳେ ନିଜକୁ ସମର୍ପଣ କରୁଛି।

**ଜୟ ସାଇରାମ।**

**ଶ୍ରୀ ଅକ୍ଷୟ ପାତ୍ର**
**ଶ୍ରୀ ସାଇ ମନ୍ଦିର,**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**